Institute of Media Studies

ESTD. 1994

# Institute of Media Studies

(Affiliated to Utkal University)
Orissa Co-operative Housing Corp. complex
Unit-III, Kharvel Nagar, Bhubajneswar-751001
Tel: 0674 – 2394312, Fax -: 0674 – 2394314
E-mail:iims_bbsar@rediffmail.com, imsodisha@gmail.com
Website: www.imsorissa.org.in

**ପ୍ରେସ୍ ଇସ୍ତାହାର**

# ଉତ୍କୃଷ୍ଟ ଉଦ୍ୟୋଗ ପାଇଁ ସଫଳ ନେତୃତ୍ୱ ଅପରିହାର୍ଯ୍ୟ

ଭୁବନେଶ୍ୱର ୦୭/୧୧ : ଆଜି ସ୍ଥାନୀୟ ଇନିଷ୍ଟିଚ୍ୟୁଟ୍ ଅଫ୍ ମିଡିଆ ଷ୍ଟଡିଜ୍ ଆନୁକୂଲ୍ୟରେ ଉଦ୍ୟୋଗ କ୍ଷେତ୍ରରେ ଉତ୍କୃଷ୍ଟତା ଶୀର୍ଷକ ଏକ ଆଲୋଚନାଚକ୍ର ଏହାର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଭାରତ ମସଲାର ଅଧକ୍ଷ ସୁରେନ୍ଦ୍ରନାଥ ପଣ୍ଡା ଯୋଗ ଦେଇ ଉଦ୍ୟୋଗ କ୍ଷେତ୍ରରେ ବିପୁଳ ପରିବର୍ତ୍ତନ ଆସିଛି ଓ ଏଥିରେ ସଫଳତା ହାସଲ କରିବାକୁ ହେଲେ ଜଣେ ଉଦ୍ୟୋଗପତି ସଠିକ ବ୍ୟବସାୟ କରିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ । ତାଙ୍କର ଅଭିଜ୍ଞତାକୁ ଦର୍ଶାଇବାକୁ ଯାଇ ସେ କହିଥିଲେ ଯେ ଭାରତ ମସଲାର ବ୍ୟବସାୟ ମାତ୍ର ୭୦୦ ଟଙ୍କା ପୁଞ୍ଜି ନିବେଶରେ ଆରମ୍ଭ ହୋଇ ବର୍ତ୍ତମାନ ଏହାର କାରବାର ୭୦୦ କୋଟି ଟଙ୍କାରେ ପହଂଚି ପାରିଛି । ନିଷ୍ଠାପର ଉଦ୍ୟମ ଓ ସଚ୍ଚୋଟ ବ୍ୟବସାୟ ଏହି ସଫଳତାର କାରଣ ବୋଲି ସେ ଗୁରୁତ୍ୱାରୋପ କରିଥିଲେ ।

ଭାରତୀୟ ଉଦ୍ୟୋଗ ବିକାଶ ଅନୁଷ୍ଠାନର ସହ ଅଧାପକ ବିଷ୍ଣୁପ୍ରସାଦ ପଣ୍ଡା ଛାତ୍ରଛାତ୍ରୀମାନଙ୍କୁ ବଡବଡ ସ୍ୱପ୍ନ ଦେଖିବାପାଇଁ ଆହ୍ୱାନ ଦେଇଥିଲେ ଏବଂ ଆଜିର ଏହି ପ୍ରତିଯୋଗିତାମୁଖୀ ସମାଜରେ ନିଜର ଉଦ୍ୟୋଗକୁ ପ୍ରତିଷ୍ଠିତ କରିବାକୁ ହେଲେ ଜଣେ ବ୍ୟକ୍ତି କୁଶଳୀ ହେବା ସହ ପରିଚାଳନାଗତ ଦକ୍ଷତା ନିତାନ୍ତ ଆବଶ୍ୟକ ବୋଲି ସେ କହିଥିଲେ ।

ଅନ୍ୟମାନଙ୍କ ମଧରେ ଜିରୋ କିଲୋମିଟର ଅନ୍‌ଲାଇନ୍ ଖାଦ୍ୟ ଯୋଗାଣକାରୀ ସଂସ୍ଥାର ପ୍ରତିଷ୍ଠାତା ବିଶ୍ୱ ରଞ୍ଜନ ନାୟକ, ଆକ୍ସେସ୍ ମେଡିକମ୍ ର ପରିଚାଳନା ନିର୍ଦ୍ଦେଶକ କଲ୍ୟାଣ ଛୋଟରାୟ ମଧ ସେମାନଙ୍କର ବକ୍ତବ୍ୟ ଜ୍ଞାପନ କରିଥିଲେ ।

ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ଉପେନ୍ଦ୍ର ପାଢ଼ୀ ଅତିଥି ପରିଚୟ ପ୍ରଦାନ କରିବା ସହିତ ଉକ୍ତ ଆଲୋଚନାଚକ୍ରକୁ ପରିଚାଳନା କରିଥିଲେ । ଏଥିରେ ଅନୁଷ୍ଠାନର ଅଧାପକ ଅଧାପିକା, କର୍ମଚାରୀ ଓ ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।